# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3 May – 2025

************************************

## ମୁଖ୍ୟ ସମ୍ବାଦ

- ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ଘଟଣାରେ ପୁରୀ ଶ୍ରୀମନ୍ଦିର ସେବକଙ୍କ ସମ୍ପୃକ୍ତି ଘଟଣାର ତଦନ୍ତ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ
- କ୍ରୀଡ଼ା ଆମ ସଂସ୍କୃତି ସହ ଜଡ଼ିତ ଜୀବନ୍ତ ପରମ୍ପରାର ନିଦର୍ଶନ; ମୁମ୍ବାଇଠାରେ ଆୟୋଜିତ ୱେଭ୍ସ ସମ୍ମିଳନୀରେ ଯୋଗ ଦେଇ କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ବିଦ୍ୟୁତଚାଳିତ ଯାନର ବ୍ୟବହାର ପାଇଁ ଖୁବ୍‌ଶୀଘ୍ର ଆସିବ ନୂତନ ନିୟମ; ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସୂଚନା

ଏବଂ

- 'ସାମ୍ବାଦିକତା- ପ୍ରେସ ସ୍ୱାଧୀନତା ଏବଂ ଗଣମାଧ୍ୟମ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ' ଶୀର୍ଷକକୁ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ

# ଶ୍ରୀମନ୍ଦିର ପ୍ରଶାସନ ବୈଠକ

ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ନେଇ ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ସମ୍ପୃକ୍ତି ନେଇ ଉପୁଜିଥିବା ବିବାଦର ସତ୍ୟାସତ୍ୟ ଯାଞ୍ଚ ପାଇଁ ଆଜି ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଗତକାଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ସମ୍ପର୍କରେ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ଲେଖିଥିଲେ ।

ବୈଠକରେ ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ଚଢ଼ାଉକରଣ, ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଥିଲା । ଦୀଘାରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିର ସମ୍ପର୍କରେ ଦଇତାପତି ସେବାୟତ, ବିଶ୍ୱକର୍ମା ମହାରଣାମାନେ ନିଜ ମତ ରଖିଥିଲେ। ବଳକା ରହିଥିବା ଦାରୁକାଠରେ ଏତେ ବଡ଼ ବିଗ୍ରହ ହୋଇପାରିବ ନାହିଁ ବୋଲି ବିଶ୍ୱକର୍ମା ମହାରଣା ସ୍ପଷ୍ଟୋକ୍ତି ଦେଇଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଆସନ୍ତାକାଲି ଅପରାହ୍ନ ୫ଟା ସୁଦ୍ଧା ମତାମତ ଦେବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନିଯୋଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

# ମୁଖ୍ୟମନ୍ତ୍ରୀ ୱେଭ୍‌ସ

କ୍ରୀଡ଼ା କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଆମ ସଂସ୍କୃତି ସହ ଜଡ଼ିତ ଜୀବନ୍ତ ପରମ୍ପରାର ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁମ୍ବାଇରେ ଆୟୋଜିତ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍‌ସ-୨୦୨୫ରେ 'ସ୍ୱଦେଶୀ କ୍ରୀଡ଼ା : ଭାରତରୁ ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ ଯାତ୍ରା' ଶୀର୍ଷକ ଅଧିବେଶନରେ ଆଜି ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ରୀଡ଼ା ଆମ ପୂର୍ବଜଙ୍କଠାରୁ ଆସିଥିବା ପ୍ରତିବଦ୍ଧତା, ସୃଜନଶୀଳତା ଏବଂ ଜ୍ଞାନକୁ ପ୍ରତିଫଳିତ କରିଥାଏ। ଏହା ଆଗାମୀ ପିଢ଼ିକୁ ଧୈର୍ଯ୍ୟ, ସାଂଗଠନିକ କାର୍ଯ୍ୟ ଏବଂ ପ୍ରକୃତି ପ୍ରତି ସମ୍ମାନର ମୂଲ୍ୟବୋଧ ଶିଖାଇଥାଏ। ୱେଭ୍‌ସ ଭଳି ସମ୍ମିଳନୀ ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀ' କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତର ଐତିହ୍ୟକୁ ଯଥୋଚିତ ସମ୍ମାନ ମିଳିବା ସହ ପାରମ୍ପରିକ ଖେଳକୁ ନୂତନ ଜୀବନ ମିଳିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

**- V/O -**

ଓଡ଼ିଶା ସରକାର ପାରମ୍ପରିକ ଖେଳର ପୁନରୁଦ୍ଧାର ପାଇଁ ବ୍ଲକସ୍ତରରେ ଷ୍ଟାଡିୟମ୍ ନିର୍ମାଣର ନିଷ୍ପତ୍ତି ନେଇଥିବା ବେଳେ ପଞ୍ଚାୟତସ୍ତରରେ ପ୍ରଶିକ୍ଷଣ କେନ୍ଦ୍ର ଏବଂ ତୃଣମୂଳସ୍ତରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଗ୍ରାମରେ

ଚମ୍ପିଆନ ସୃଷ୍ଟି କରିବା ଏବଂ ଦେଶୀୟ କ୍ରୀଡ଼ାକୁ ବିଶ୍ୱସ୍ତରକୁ ନେବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ୱେଭ୍‌ସ ଶିଖର ସମ୍ମିଳନୀରେ କହିଛନ୍ତି ।

ସମ୍ମିଳନୀର ତୃତୀୟ ଦିନରେ ଆଜି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁତ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି– ଆଇ.ଆଇ.ସି.ଟି. ସହିତ ୭ଟି ବିଶ୍ୱସ୍ତରୀୟ କମ୍ପାନୀର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ସହ ଆଗାମୀ ଦିନରେ ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍. ଢାଞ୍ଚାରେ ୪୦୦ କୋଟି ବ୍ୟୟ ଅଟକଳରେ ଆଇ.ଆଇ.ସି.ଟି.ର ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭି୍ ଟେକ୍ନୋଲୋଜି ଆନିମେସନ, ଭିଜୁଆଲ୍ ଇଫେକ୍ଟ, ଗେମିଂ ଏବଂ କମିକ୍ସର ଜାତୀୟ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି ।

***Desk***

## ମୁଖ୍ୟମନ୍ତ୍ରୀ– ଏମ୍ସ

ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ- ଏମ୍ସ ଭୁବନେଶ୍ୱରର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଏବଂ ଅଧ୍ୟକ୍ଷ ଡକ୍ଟର ଶୈଳେଶ କୁମାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ଏମ୍ସର ସମ୍ପ୍ରସାରଣ ଉପରେ ଆଲୋଚନା କରିଥିଲେ । ଡାକ୍ତର ବିଶ୍ୱାସ’ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଏବଂ

ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏମ୍ସ' ଭୁବନେଶ୍ୱରର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

***Desk***

## ବିଦ୍ୟୁତ୍ ଚାଳିତ ନିୟମ

ରାଜ୍ୟରେ ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାର ପାଇଁ ଖୁବ୍‌ଶୀଘ୍ର ନୂତନ ନିୟମ ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଏଥିସହ ସରକାରୀ ଅଧିକାରୀଙ୍କ ବାସଭବନରେ ସୌର ପ୍ୟାନେଲ ଲଗାଇବା ବାଧ୍ୟତାମୂଳକ କରାଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ରାଜ୍ୟରେ ସରକାରୀ କାର୍ଯ୍ୟାଳୟରେ ଆସନ୍ତା ୫ ବର୍ଷ ମଧ୍ୟରେ ସୌର ପ୍ୟାନେଲ ଲଗାଯିବ ବୋଲି ଶକ୍ତି ସଚିବ ବିଶାଲ ଦେବ କହିଛନ୍ତି। ବର୍ତ୍ତମାନ କଟକ, ଭୁବନେଶ୍ୱର ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯାଇଛି।

***Kalahandi/Desk***

## ପ୍ରେସ୍ ସ୍ୱାଧୀନତା ଦିବସ

ଗଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ଆଜି ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି "ନବ ଦୃଢ଼ ଦୁନିଆରେ ସାମ୍ବାଦିକତା-ପ୍ରେସ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ" । ଜାତିସଂଘ ସାଧାରଣ ପରିଷଦ ୧୯୯୩ ମସିହାରେ ଆଜିର ଦିନକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଭାବେ ପାଳନ ନିମନ୍ତେ ଘୋଷଣା କରିଥିଲା । ବିଶ୍ୱରେ ଶାନ୍ତି ଓ ପ୍ରଗତି ପାଇଁ ସ୍ୱାଧୀନ,

ସଶକ୍ତ ଏବଂ ଉତ୍ତରଦାୟୀ ଗଣତନ୍ତ୍ର ଅପରିହାର୍ଯ୍ୟ। ବର୍ତ୍ତମାନ ପରିସ୍ଥିତିରେ ସାମାଜିକ ଗଣମାଧ୍ୟମ ସୂଚନା ପ୍ରସାରଣ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଗଣମାଧ୍ୟମର ସ୍ୱାଧୀନତା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକତା ରହିଛି। ଏ ନେଇ ଆଜି ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ଏହି ଉପଲକ୍ଷେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକା ସବୁବେଳେ ପ୍ରଶଂସନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

***Desk***

## ରଙ୍ଗବତୀ କାର୍ଯ୍ୟକ୍ରମ

ରାଜ୍ୟର ଲୋକକଳା ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଲକ୍ଷ୍ୟରେ ରାଜ୍ୟ ସରକାର ରଙ୍ଗବତୀ ଉତ୍ସବ ଆୟୋଜନ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, କେନ୍ଦୁଝର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଆସନ୍ତା ସୋମବାର ଠାରୁ ସଙ୍ଗୀତ ଉତ୍ସବ ରଙ୍ଗବତୀର ଆୟୋଜନ କରାଯିବ। ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ସହ ସାଂସଦ, ବିଧାୟକ ଓ ବିଶିଷ୍ଟ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

*Desk*

## ସାମ୍ବାଦିକତାରେ ନାମଲେଖା

ଭାରତୀୟ ଜନସଂଚାର ସଂସ୍ଥାନ ଢେଙ୍କାନାଳରେ ଓଡ଼ିଆ ସାମ୍ବାଦିକତାର ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମର ନାମଲେଖା ପ୍ରକ୍ରିୟା ଚାଲିଛି । ଇଚ୍ଛୁକ ଛାତ୍ରଛାତ୍ରୀ www.iimc.gov.in ୱେବସାଇଟରୁ ନାମଲେଖା ଫର୍ମ ଡାଉନଲୋଡ୍ କରିପାରିବେ କିମ୍ବା ଗୁଗୁଲ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନର ଶେଷ ତାରିଖ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

*Gajapati*

## କର୍ମଶାଳା ଶିବିର

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ କାଜୁ ରପ୍ତାନୀ ପ୍ରୋତ୍ସାହନ ଏବଂ ମାର୍କେଟିଂ କର୍ମଶାଳା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାର କ୍ଷୁଦ୍ର ବ୍ୟବସାୟୀଙ୍କୁ ଉତ୍ସାହିତ କରିବା ସହ କାଜୁ ବ୍ୟବସାୟୀଙ୍କ ରପ୍ତାନୀ ବୃଦ୍ଧି ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆଗାମୀ ବର୍ଷା ଋତୁରେ ଜିଲ୍ଲାରେ ୨୦ ହଜାରରୁ ଊର୍ଦ୍ଧ୍ୱ କଫି ଗଛ ଲଗାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି ।

*Desk*

# କଳିଙ୍ଗ ସୁପର କପ୍

କଳିଙ୍ଗ ସୁପର କପ୍ ଫୁଟବଲ ଟାଇଟଲ ହାସଲ ପାଇଁ ଆଜି ଏଫ୍‌ସି ଗୋଆ ଏବଂ ଜାମ୍‌ସେଦପୁର ଏଫ୍‌ସି ମଧ୍ୟରେ ମୁକାବିଲା ହେବ ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଫାଇନାଲ ମ୍ୟାଚ୍ ଜିତି ଗୋଆ ତା'ର ଦ୍ୱିତୀୟ ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଜାମ୍‌ସେଦପୁର ଏଫ୍‌ସି ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଆଶା ରଖିଛି ।

***Desk***

## ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*********************************